Course Code
DOLC - 04

**Term End Examination- June 2019**

**Program Title : ଓଡ଼ିଆ ଭାଷା ଓ ଯୋଗାଯୋଗ ଡ଼ିପ୍ଲୋମା କାର୍ଯ୍ୟକ୍ରମ (DOLC)**

**Course Title : ବ୍ୟାବହାରିକ କଥନ/ଲିଖନ କୌଶଳ**

ସମୟ : ୩ ଘଣ୍ଟା
ପୂର୍ଣ୍ଣସଂଖ୍ୟା :୧୦୦

'କ' ବିଭାଗରୁ ସମସ୍ତ ପ୍ରଶ୍ନର ଉତ୍ତର, 'ଖ' ବିଭାଗରୁ ଯେକୌଣସି ୪ଟି ପ୍ରଶ୍ନର ଉତ୍ତର, 'ଗ' ବିଭାଗରୁ ଯେକୌଣସି ୪ଟି ପ୍ରଶ୍ନର ଉତ୍ତର ଓ 'ଘ' ବିଭାଗରୁ ଯେକୌଣସି ୨ଟି ପ୍ରଶ୍ନର ଉତ୍ତର ଲେଖ ।

## 'କ' ବିଭାଗ

**ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବା ଦୁଇଟି ବାକ୍ୟରେ ଲେଖ।**

ପ୍ରଶ୍ନ -୧: ୧X୧୦=୧୦

(କ) କଥନ କୌଶଳ କହିଲେ ଆମେ କ'ଣ ବୁଝିବା ?

(ଖ) ଜୟନ୍ତୀ ବିଶେଷାଙ୍କ ବକ୍ତୃତା କାହାକୁ କୁହାଯାଏ ?

(ଗ) ଭାଷଣର ଉପସଂହାରରେ ମୁଖ୍ୟତଃ କ'ଣ ରହିଥାଏ ?

(ଘ) ସମ୍ବାଦପତ୍ର ସଂପାଦନା କହିଲେ କ'ଣ ବୁଝାଯାଏ ?

(ଙ) କେଉଁ ବିଷୟ ସାମୂହିକ ନିମନ୍ତ୍ରଣ ପତ୍ରରେ ସ୍ଥାନ ପାଇଥାଏ ?

(ଚ) ସାଂସ୍କୃତିକ ନିମନ୍ତ୍ରଣ ପତ୍ରରେ କେଉଁ ବିବରଣୀ ଦେଖିବାକୁ ମିଳେ ?

(ଛ) ନିମନ୍ତ୍ରଣ ପତ୍ରର ଭାଷା କିଭଳି ହେବା ଆବଶ୍ୟକ ?

(ଜ) ଓକାଲତ୍‌ନାମା କହିଲେ କ'ଣ ବୁଝ ?

(ଝ) ଏତଲା କାହାକୁ କୁହାଯାଏ ?

(ଞ) ଦଲିଲ୍ କହିଲେ କ'ଣ ବୁଝ ?

## 'ଖ' ବିଭାଗ

**ଯେକୌଣସି ୪ଟି ପ୍ରଶ୍ନର ଉତ୍ତର ଲେଖ ।**
**(ପ୍ରତ୍ୟେକ ଉତ୍ତର ଏକଶହ ଶବ୍ଦ ମଧ୍ୟରେ ହେବା ଆବଶ୍ୟକ)**

୫X୪=୨୦

ପ୍ରଶ୍ନ -୨: ଟିପ୍ପଣୀ ଲେଖ।

(କ) ପତ୍ର ଓ ଦରଖାସ୍ତ ମଧ୍ୟରେ ଥିବା ପାର୍ଥକ୍ୟ ନିରୂପଣ କର।

(ଖ) ବ୍ୟକ୍ତିଗତ ପତ୍ରର ଭାଷା ସରଳ ଓ ଆବେଗାତ୍ମକ ହେବା ଦ୍ୱାରା କି ଉପକାର ମିଳିଥାଏ ?

(ଗ) ସଂପାଦନା କହିଲେ କ'ଣ ବୁଝ ?

(ଘ) ଜଳାଭାବଜନିତ ଅସୁବିଧା ଦୂରପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପତ୍ର ଲେଖ।

(ଙ) ଓଡ଼ିଆରେ ଦଲିଲ୍ ଲେଖିବାର କୌଶଳ ଉଲ୍ଲେଖ କର।

(ଚ) ନିବାସସ୍ଥଳୀ ପ୍ରମାଣପତ୍ର ପାଇଁ ତହସିଲଦାରଙ୍କ ନିକଟକୁ ଦରଖାସ୍ତ ଲେଖ।

## 'ଗ' ବିଭାଗ

**ଯେକୌଣସି ୪ଟି ପ୍ରଶ୍ନର ଉତ୍ତର ଲେଖ ।**

**(ପ୍ରତ୍ୟେକ ଉତ୍ତର ଦୁଇଶହ ଶବ୍ଦ ମଧ୍ୟରେ ହେବା ଆବଶ୍ୟକ)**

ପ୍ରଶ୍ନ -୩: ୧୦x୪=୪୦

(କ) ଦଳଗତ ଆଲୋଚନା କହିଲେ କ'ଣ ବୁଝ ? ନମୁନା ସହ ଆଲୋଚନା କର ।

(ଖ) ସାକ୍ଷାତ୍‌କାର କହିଲେ କ'ଣ ବୁଝ ? ପରୀକ୍ଷାରେ ଏହାର ଆବଶ୍ୟକତା ବୁଝାଇ ଲେଖ ।

(ଗ) ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ପରିଚାଳନା ପାଇଁ ଏକ ଜନସ୍ୱାର୍ଥ ମାମଲା ପ୍ରାରୂପ ପ୍ରସ୍ତୁତ କର ।

(ଘ) ନିଜ ଅଞ୍ଚଳର ସାମାଜିକ, ସାଂସ୍କୃତିକ ବ୍ୟବସ୍ଥା ବିଷୟରେ ଜଣେ ବିଦେଶୀ ବନ୍ଧୁଙ୍କ ନିକଟକୁ ପତ୍ର ଲେଖ ।

(ଙ) ନିମନ୍ତ୍ରଣପତ୍ର ଲିଖନଗତ କୌଶଳର ଆବଶ୍ୟକତା ଦର୍ଶାଅ ।

(ଚ) ତୁମ ଭାଇର ବିବାହ ସମୟରେ ମିଳିଥିବା ଉପହାର ଗୁଡ଼ିକର ତାଲିକା କିପରି ପ୍ରସ୍ତୁତ କରିବ, ଏହାର ଏକ ନମୁନା ପ୍ରଦାନ କର ।

## 'ଘ' ବିଭାଗ

**ଯେକୌଣସି ୨ଟି ପ୍ରଶ୍ନର ଉତ୍ତର ଲେଖ ।**

**(ପ୍ରତ୍ୟେକ ଉତ୍ତର ତିନିଶହ ଶବ୍ଦ ମଧ୍ୟରେ ହେବା ଆବଶ୍ୟକ)**

୧୫x୨=୩୦

ପ୍ରଶ୍ନ -୪: ବକ୍ତୃତା ପ୍ରଦାନ କାଳରେ କେଉଁ ଦିଗ ପ୍ରତି ଅଧିକ ଧ୍ୟାନ ଦେବା ଆବଶ୍ୟକ, ବୁଝାଇ ଲେଖ ?

ପ୍ରଶ୍ନ -୫: ସଂପାଦନାର ପ୍ରକାରଭେଦ ଲେଖି ପ୍ରତିଟି ସଂପର୍କରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କର ।

ପ୍ରଶ୍ନ -୬: କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ନିଜ ଅଞ୍ଚଳର ସମସ୍ୟାକୁ ଖବର କାଗଜରେ ପ୍ରକାଶନ ପାଇଁ ପ୍ରେସ୍ ଇସ୍ତାହାର ପ୍ରସ୍ତୁତ କର ।

●●●